## ୨ ଗୋଚାଲାଣକାରୀ ଗିରଫ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ପୋଲିସ ୨ ଗୋରୁ ଚାଲାଣକାରୀଙ୍କୁ ତୁରୁମୁଙ୍ଗାରୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ପଡ଼ିହା ଗାଁର ଶରତ ରାଉତ ଓ ମଝି ଗାଁର ବାସୁଦେବ ଟୁଡ୍ଡୁ। ଗତ ମାର୍ଚ୍ଚ ମାସରେ ୪୯ନଂ. ଜାତୀୟ ରାଜପଥରେ ଏକ ଟ୍ରକ୍‌ରେ ଗୋରୁଚାଲାଣ ହେଉଥିବା ଖବର ପାଇ ତୁରୁମୁଙ୍ଗା ପୋଲିସ ଟ୍ରକ୍‌କୁ ଜବତ କରିଥିଲା। ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୋଲିସ ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ମଦନ ନାଏକ କହିଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଇଂଲିଶ ବିଭାଗର ଆଲୋଚନାଚକ୍ର, ସ୍ଥାନ: କୁପାରୀ (ଖଇରା), ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**

- କାଳୀମନ୍ଦିର ଓ ପଥରକାଳୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତାରିଣୀଛକ, ବାଲିନଗର, ବାସୁଦେବପୁର, ସମୟ: ସକାଳ ୮ଟାରୁ ଆରମ୍ଭ।
- ବିଜେଡିର କର୍ମୀ ବୈଠକ, ସ୍ଥାନ:ଭଗବାନପୁର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକାଳୀଙ୍କ ସପ୍ତମାତୃକା ବେଶ, ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ଚୂଡ଼ାନ୍ତ

## ସୂର୍ଯ୍ୟପରାଗ ଲାଗି ସନ୍ଧ୍ୟାରେ ହେବ ମହାକାଳୀ ବେଶ

ଭଦ୍ରକ ଅଫିସ,୨୧।୧୦-ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ କାଳୀପୂଜା ଅବସରରେ ସପ୍ତମାତୃକା ବେଶ ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ମଣ୍ଡପର ସାଜସଜ୍ଜା, ମାନସିକ କଳସ ଶୋଭାଯାତ୍ରା ନିମନ୍ତେ ସେବାୟତ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ୭ଦିନ ଧରି ସପ୍ତମାତୃକା ବେଶ ଦର୍ଶନ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନ ବେଦମାତା, ଦ୍ୱିତୀୟ ଦିନ ମହାକାଳୀ, ତୃତୀୟ ଦିନ ରାଜରାଜେଶ୍ୱରୀ, ଚତୁର୍ଥ ଦିନ ସିଂହବାହିନୀ, ପଞ୍ଚମ ଦିନ ଜଗଦ୍ଧାତ୍ରୀ, ଷଷ୍ଠ ଦିନ ମହାସରସ୍ୱତୀ ଏବଂ ସପ୍ତମ ଦିନ ମହାଲକ୍ଷ୍ମୀ ବେଶରେ ମା' ପୂଜା ପାଇବେ। ତେବେ ଦ୍ୱିତୀୟ ଦିବସରେ ସୂର୍ଯ୍ୟପରାଗ ଲାଗୁଥିବାରୁ ସନ୍ଧ୍ୟା ପରେ ମା'ଙ୍କର ମହାସ୍ନାନ କରାଯାଇ ମହାକାଳୀ ବେଶ କରାଯିବ ବୋଲି ଜଣାଯାଇଛି। ସେବାୟତ ଭାଗୀରଥି ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ବିଜୟ ଦୀକ୍ଷିତ, ମଦନ ମୋହନ ଦୀକ୍ଷିତ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ନକଲି ସୁନାଗହଣା ଦେଇ ୮୨ ଲକ୍ଷରୁ ଊର୍ଦ୍ଧ୍ୱ ଋଣ

## ବ୍ୟାଙ୍କ ପକ୍ଷରୁ ମାମଲା

ବୈଶିଙ୍ଗା,୨୧।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନକଲି ସୁନା ଗହଣା ଦେଇ ୮୩ଲକ୍ଷ ଟଙ୍କା ଋଣ ନେଇଥିବା ଅଭିଯୋଗ ହୋଇଛି। ଘଟଣା ଜଣାପଡ଼ିବା ପରେ ବ୍ୟାଙ୍କ ପକ୍ଷରୁ ବୈଶିଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ସୂଚନା ମୁତାବକ, ବାଲେଶ୍ୱର ଜିଲା ରସାଳପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଘଡ଼େଇ ଉକ୍ତ ବ୍ୟାଙ୍କରୁ ୩ ମାର୍ଚ୍ଚ ୨୦୨୨ରେ ୬୧୫ ଗ୍ରାମ ସୁନା ବଦଳରେ ୨୧ ଲକ୍ଷ ୪୯ହଜାର, ତାଙ୍କ ସ୍ତ୍ରୀ ରେଣୁବାଳା ଘଡେଇଙ୍କ ନାମରେ ୨୫୫ ଗ୍ରାମ ସୁନା ବଦଳରେ ୯ ଲକ୍ଷ ୨୮ ହଜାର ଏବଂ ସମାନ ଦିନ ସହଦେବଖୁଣ୍ଟାର ହରିଶ ଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ମନୋରମା ବେହେରା ୫୦୦ ଗ୍ରାମ ସୁନା ବଦଳରେ ୧୭ ଲକ୍ଷ ୫୨ ହଜାର, ଜଳଖିଟୁଆ ଗ୍ରାମର ବିପିନ ଚନ୍ଦ୍ର ବାରିକଙ୍କ ସ୍ତ୍ରୀ ଅଭିଲିପ୍ସା ବାରିକ ୧ କିଲୋ ୩୬ଗ୍ରାମ ସୁନା ବଦଳରେ ୩୩ ଲକ୍ଷ ୭୯ ହଜାର ଟଙ୍କା ଋଣ ଆକାରରେ ନେଇଥିଲେ। ବ୍ୟାଙ୍କ ତରଫରୁ ବନ୍ଧକ ଗହଣାର ପୁନଃ ପରୀକ୍ଷଣ ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ବାରିପଦା ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆର ଜୋନାଲ ମ୍ୟାନେଜର ରମେଶ ଚନ୍ଦ୍ର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୨୬/୨୨ରେ ଏକ ମାମଲା ରୁଜୁ କରିଛି।

# ପଡ଼ିଆ ପଡ଼ିଛି ୪୦ ପ୍ରତିଶତ ଚାଷଜମି

- ସାର ଦର ବଢ଼ୁଛି
- ଜଳସେଚନ ବ୍ୟବସ୍ଥା ନାହିଁ

ଖଇରା,୨୧।୧୦(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି କରୁଥିବା ନେଇ ଡିଣ୍ଡିମ ପିଟୁଛନ୍ତି । ହେଲେ ସେପଟେ ସାର ଓ କୀଟନାଶକ ଦର ବର୍ଷକୁ ବର୍ଷ ହୁ ହୁ ହୋଇ ବଢ଼ୁଛି । ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷୀ ଠିକ୍ ସମୟରେ ରୁଆ ପୋତା କାର୍ଯ୍ୟ କରିପାରୁନି। ୫୦ରୁ ଅଧିକ ଉଠା ଜଳସେଚନ ଓ ବୋରୱେଲ ଅକାମୀ ହୋଇପଡ଼ିଛି। ବିଳମ୍ବରେ ଚାଷ ଆରମ୍ଭ ଯୋଗୁ ଅମଳ ମଧ୍ୟ ଯଥେଷ୍ଟ କମିଯାଉଛି । ବଜାର ଦର ଯାହା ଚାଷ ଖର୍ଚ୍ଚ ମଧ୍ୟ ଭରଣା ହେଉନି । ଏଭଳି ପ୍ରତିକୂଳ ପରିସ୍ଥିତି ପାଇଁ ଖଇରା ବ୍ଲକର ୩୦ ପଞ୍ଚାୟତରେ ଚଳିତବର୍ଷ ୪୦ଭାଗ ଜମି ପଡ଼ିଆ ପଡ଼ିଛି।

ସରକାର ବେଳ ହୁଁ ସାବଧାନ ନ ହେଲେ ଆଗକୁ ଅଧିକ ଜମି ପଡ଼ିଆ ପଡ଼ିବା ସହ ଦାଦନ ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିବାର ସମ୍ଭାବନା ରହିଛି। ପ୍ରକାଶ ଯେ, ଖରିଫ ଋତୁରେ ଧାନ ଚାଷ ହେଉଥିବା ମୋଟ ୧୯ହଜାର ୪୦୦ ହେକ୍ଟର ଚାଷ ଜମି ମଧ୍ୟରୁ ଅନ୍ୟୁନ ୧୨ହଜାର ହେକ୍ଟର ଚାଷ ଜମିରେ ଚାଷ ପାଇଁ ଚାଷୀ ମୌସୁମୀ ଓ ଲଘୁଚାପ ଉପରେ ନିର୍ଭର କରିଥାନ୍ତି। ବ୍ଲକର ସାରଡାଙ୍ଗ, ନନ୍ଦୁରୁ, ମହତୀପୁର, ଗୋବିନ୍ଦପୁର, କୁରୁଣ୍ଟା, ଖଇରା, ନୟାଖଣ୍ଡି, ଶ୍ୟାମସୁନ୍ଦରପୁର, ଅଚ୍ୟୁତପୁର, ମାଖନପୁର, ଗଗନଧୂଳି, ଡଗରପଡା, ଡାଲଙ୍ଗ, ସାରୁଗାଁ, ସୁଣ୍ଡିରା, ଗଡପୋଖରୀ, କୁପାରୀ, କଇଥଗଡିଆ, ପଳସା, ଗୋଳିହା, ସାରକୋଣା ଆଦି ପଞ୍ଚାୟତରେ ଜଳସେଚନ ବ୍ୟବସ୍ଥା ନ ଥିବା କାରଣରୁ ବର୍ଷା ଏବଂ କାଁ ଭାଁ ଉଠାଜଳସେଚନ ଉପରେ ନିର୍ଭର କରିଥାନ୍ତି । ହେଲେ ଗତବର୍ଷ ମୌସୁମୀ ଓ ଲଘୁଚାପ ବର୍ଷା ଧୋକା ଦେଲା । ବହୁ ବିଳମ୍ବରେ ବର୍ଷା ଯୋଗୁ ବହୁ ଚାଷୀ ବିଲକୁ ଯାଇ ନ ଥିଲେ । ଯେଉଁମାନେ ଚାଷ କଲେ ଏକରରେ ୧୦ରୁ ୧୨ କୁଇଣ୍ଟାଲ ଧାନ ମିଳିଲା । ଯେଉଁ କାରଣରୁ ଚଳିତବର୍ଷ ବ୍ଲକରେ ପାଖାପାଖି ୪ହଜାର ୮ଶହ ହେକ୍ଟର ଜମି ପଡ଼ିଆ ପଡ଼ିଛି । ବାହାର ଦଲାଲମାନଙ୍କଠାରୁ ଯାହା ମିଳିଲା ତାହା ଅଧା ଖର୍ଚ୍ଚ ବି ଭରଣା ହେଲାନି ବୋଲି ଚାଷୀ ପ୍ରଶାନ୍ତ କୁମାର ରାଉତ କହିଛନ୍ତି । ହେଲେ ଚଳିତବର୍ଷ ମଧ୍ୟ ଆହୁରି ଅବସ୍ଥା ସାଂଘାତିକ। ସାର ଦର ୨ ଗୁଣା ହେବା ତାହା ପୁଣି ବଜାରରେ ଉପଲବ୍ଧ ନ ହେବା, ଉଠାଜଳସେଚନ ଅକାମୀ ହୋଇ ରହିବା, ଘରୋଇ ଏଜେନ୍ସି ଏବଂ ସମବାୟ ସମିତି ମାଧ୍ୟମରେ ଦିଆଯାଉଥିବା ବିହନ ଠିକ୍ ଭାବେ ଗଜା ନ ହେବା, ଷଣ୍ଢଙ୍କ ପ୍ରାଦୁର୍ଭାବ, ଆମ୍ବହତା କେନାଲ ଅସମ୍ପୂର୍ଣ୍ଣ ଯୋଗୁ ପାଣି ନ ଆସିବା ଭଳି କାରଣ ଯୋଗୁ ବହୁ ଚାଷୀ ଚାଷରୁ ମୁହଁ ଫେରାଇ ନେଇଥିବା ଗନ୍ଧାଳି ଗ୍ରାମର ସଞ୍ଜୟ ବେହେରା କହିଛନ୍ତି। ଠିକ୍ ସମୟରେ ବର୍ଷା ନ ହେବା ତଥା ତଳି ଗଜା ନ ହେବା ଯୋଗୁ ଏଥର ଚାଷ ଜମି ପଡ଼ିଆ ପଡ଼ିଥିବା ନେଇ ଦିଘି ତେନ୍ତୁଳି ଗ୍ରାମର ନିର୍ମଳ ପାତ୍ରୀ ଓ ପୁରୁଷୋତ୍ତମ ଦାସ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ସରୋଜ କୁମାର ଜେନାଙ୍କ ମତାମତ ନେବାରେ ସେସବୁ ପଞ୍ଚାୟତରୁ ରିପୋର୍ଟ ଆଣିବା ପରେ କେତେ ପଡ଼ିଆ ପଡ଼ିଛି ତାର ଆକଳନ କରାଯାଇପାରିବ ବୋଲି କହିଛନ୍ତି ।



ଚାଷ ନ ହୋଇ ପଡ଼ିଆ ପଡ଼ିଥିବା ଜମି।

## ପୁଣି ଦବିଲା ବୈତରଣୀ ସେତୁ

ଆନନ୍ଦପୁର,୨୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ସେତୁର ଏକ ସ୍ପାନ୍ ଦବିଯାଇ ପୁନର୍ବାର ବିପଦ ସୃଷ୍ଟି କରିଛି। ସ୍ପାନ୍‌ର ଜଏଣ୍ଟ ସ୍ଥାନରେ ପାଖାପାଖି ୪ ଇଞ୍ଚ୍ ଦବିଥିବା ଦେଖାଯାଇଛି। ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୨୦୧୮ ଜୁଲାଇ ମାସରେ ସେତୁର ଏକ ପିଲାରରୁ ବେରିଂ ଖସିଥିଲା। ହାଇଦ୍ରାବାଦର ଏକ ଟେକ୍ନିକାଲ ଟିମ୍ ୨୦୧୯ ଜୁନ୍ ମାସ ୧୨ରେ ଏହାର ମରାମତି କରିଥିଲେ। ଏଥିପାଇଁ ସେତୁ ଉପରେ ୫ ଦିନ ଧରି ଯାତାୟାତ ବନ୍ଦ ରହିଥିଲା। ମରାମତିର ୪ ମାସ ପରେ ପୁନର୍ବାର ସେତୁର ଜଏଣ୍ଟ ସ୍ଥାନଟି ଅସମାନ୍ତରାଳ ପରିଲକ୍ଷିତ ହେବାରୁ ପୁନର୍ବାର ଏହାର ମରାମତି କରାଯାଇ ଯାତାୟାତ ଉପଯୋଗୀ କରାଯାଇଥିଲା।



ଜଏଣ୍ଟ ସ୍ଥାନ ଦବି ଯାଇଛି।

ଏବେ ପୁନର୍ବାର ସେତୁର ୬ ଓ ୭ ନଂ. ସ୍ପାନ ମଧ୍ୟସ୍ଥଳ ଜଏଣ୍ଟ ଉଚ୍ଚ ନିଚ ରହିବା ଘଟଣା ନଜରକୁ ଆସିଛି। ପ୍ରଶାସନିକ ସ୍ତରରେ ସେତୁର ଉଭୟ ପାର୍ଶ୍ୱରେ କେବଳ ଦୁର୍ବଳ ସେତୁ ସଚେତନତା ବାର୍ତ୍ତାର ବୋର୍ଡ ଲଗାଯାଇଥିବା ବେଳେ ପ୍ରକୃତ ପକ୍ଷେ ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଭାରିଯାନ କ୍ରମାଗତ ଯାତାୟାତ ଦୁର୍ବଳ ସେତୁକୁ ଅଧିକ ଦୁର୍ବଳ କରିଛି।

## ଶହୀଦ ଦିବସରେ ବଳିଦାନକୁ ମନେ ପକାଇଲେ



ଭଦ୍ରକ ଚରମ୍ପାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଏସ୍‌ପି ଚରଣ ସିଂ ମୀନା ଓ ଅନ୍ୟମାନେ।

ଭଦ୍ରକ ଅଫିସ/ଚାନ୍ଦବାଲି,୨୧।୧୦(ଡି.ଏନ.ଏ.)

ଭଦ୍ରକ ଚରମ୍ପାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରବାର ଜିଲା ପୋଲିସ ପକ୍ଷରୁ ୬୩ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟରତ ସମୟରେ ଶହୀଦ ହୋଇଥିବା ଓ କରୋନା କାଳରେ ମୃତ୍ୟୁ ଘଟିଥିବା ପୋଲିସମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ସେମାନଙ୍କ ବଳିଦାନକୁ ମନେ ପକାଇଥିଲେ। ଦେଶ ଓ ରାଜ୍ୟର ସେବା ପାଇଁ ସେମାନଙ୍କ ତ୍ୟାଗ ଓ ବଳିଦାନ ଅମର ରହିବ ବୋଲି ଏସ୍‌ପି ଚରଣ ସିଂ ମୀନା କହିଥିଲେ। ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା, ବିଜୟ ରଞ୍ଜନ କେରକଟା, ଡିଆଇବି ଡିଏସ୍‌ପି କମଳ ଲୋଚନ ଭୂୟାଁ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ, ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ପୁରୁଣାବଜାର ଥାନାଧିକାରୀ ଆଲୋକ ଜେନାଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଚାନ୍ଦବାଲି ବ୍ଲକ ମତୋ ପୋଲିସ ଫାଣ୍ଡି ପରିସରରେ ଶହୀଦ ଦିବସ ପାଳନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଶହୀଦ ରାଜୀବ ଲୋଚନ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା ଓ ସ୍ମୃତିସଭା କରାଯାଇଥିଲା। ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଚାନ୍ଦବାଲି ଥାନାଧିକାରୀ କରୁଣାକର ରାଉତ, ମତୋ ଫାଣ୍ଡି ଅଧିକାରୀ ବୁଧିରାମ ମହାନ୍ତି, ଶିକ୍ଷକ ନେତା ନବଘନ ସାମଲ, ସାଧୁଚରଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଭୂତି ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ରାଜପଥ ଅବରୋଧ କଲେ ଗ୍ରାମବାସୀ



ବାରିପଦା-ଚିତ୍ରଡ଼ା ରାଜ୍ୟ ରାଜପଥର କଲରାଫୁଲିଆ ଛକ ନିକଟରେ ଧାରଣାରେ ବସିଛନ୍ତି ଡାକୋଇ ଗ୍ରାମବାସୀ।

ମୋରଡ଼ା,୨୧।୧୦(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତର ଡାକୋଇ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏହି ନିଯୁକ୍ତି କ୍ଷେତ୍ରରେ ଅନିୟମିତତା ହୋଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ ଜଣାଇ ଶୁକ୍ରବାର ସେମାନେ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ସକାଳ ୮ଟାରୁ ସେମାନେ ବାରିପଦା-ଚିତ୍ରଡ଼ା ରାଜ୍ୟ ରାଜପଥର କଲରାଫୁଲିଆ ଛକ ନିକଟରେ

### ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ବିରୋଧ

ଅବରୋଧ କରି ବସି ରହିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବେତନଟୀ ଥାନା ଓ ବଡ଼ଜାମବଣି ଫାଣ୍ଡି ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ମୋରଡ଼ା ତହସିଲଦାର ଅନନ୍ତ କୁମାର ହାଁସଦା ଧାରଣାସ୍ଥଳରେ ପହଞ୍ଚି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ।

ସୂଚନାଯୋଗ୍ୟ, ଏହି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିକୁ ବିରୋଧ କରି ଡାକୋଇ ଗ୍ରାମବାସୀ ପୂର୍ବରୁ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ କିଛିଦିନ ତଳେ ସେମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ। ତଥାପି ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସେମାନେ ରାସ୍ତା ଅବରୋଧ କରିଥିବା ପ୍ରକାଶ କରିଥିଲେ।

## ଘରେ ପଶି ନେଇଗଲେ ଲକ୍ଷାଧିକ ଟଙ୍କାର ସୁନାଗହଣା

ସାରସକଣା,୨୧।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ସଂଲଗ୍ନ ଝାରପୋଖରିଆ ଗ୍ରାମର ସୁବାସ ମହାରଣାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଚୋରି ନେଇ ଅଭିଯୋଗ ହୋଇଛି। ସୁବାସଙ୍କ ଅଭିଯୋଗ ଅନୁଯାୟୀ, ସମସ୍ତ ପରିବାର ଲୋକ ଦୁଇଦିନ ପାଇଁ ରାଇରଙ୍ଗପୁରସ୍ଥିତ ଗ୍ରାମକୁ ଯାଇଥିଲେ। ଶୁକ୍ରବାର ଆସି ମୁଖ୍ୟ କବାଟ ଖୋଲିବା ବେଳେ ଭିତରପଟୁ ବନ୍ଦ ଥିବା ଏବଂ ପଛପଟ ଫାଟକର ତାଲା ଖୋଲା ରହିଥିବା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ପାଚେରି ଡେଇଁ ମୁଖ୍ୟ ଫାଟକ ତାଲା ଭାଙ୍ଗି ଘର ଭିତରେ ପଶି ଆଲମାରୀ ଭାଙ୍ଗି ସୁନାରୁପା ଗହଣା ଚୋରି କରିନେଇଛନ୍ତି। ଝାରପୋଖରିଆ ପୋଲିସ ଏବଂ ସନ୍ଧାନୀ କୁକୁର ସହ ଅନୁସନ୍ଧାନକାରୀ ଦଳ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୨୩୩/୨୨) ରୁଜୁ କରାଯାଇଛି। ତଦନ୍ତ ପରେ ସବୁ ତଥ୍ୟ ସାମ୍ନାକୁ ଆସିବ ବୋଲି ତଦନ୍ତକାରୀ ଅଧିକାରୀ ସୁଧାଂଶୁ ଶେଖର ସେଠୀ କହିଛନ୍ତି।

## ଖଣି କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

### ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

ଯୋଡ଼ା,୨୧।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ରୁଗୁଡ଼ି ଥାନା ଅନ୍ତର୍ଗତ ରୁଗୁଡ଼ି-କଳମଙ୍ଗ ରାସ୍ତାର କୋଲ୍ହୋ ରୋଇଡ଼ାରେ ଗତ ୧୭ତାରିଖରେ ଏକ ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ, ନିଯୁକ୍ତି, ରାସ୍ତା ମରାମତି, ସୁରକ୍ଷାକର୍ମୀ ନିୟୋଜିତ ଦାବିରେ ଗ୍ରାମବାସୀ ଦୁଇ ଦିନ ଧରି ରାସ୍ତା ଅବରୋଧ କରିଥିଲେ। ଗୁରୁବାର ପୋଲିସ ଉପସ୍ଥିତିରେ ସ୍ଥାନୀୟ ଖଣି ଓ କାରଖାନା କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହ ଆଲୋଚନା କରି ଦାବି ଉପରେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। ବୈଠକରେ ଜିଲା ବିଜେଡି ଉପ ସଭାପତି କୁଶ ଆପଟ୍ଟ, ଯୋଡ଼ା ବ୍ଲକ୍ ଅଧକ୍ଷ କବୀନ୍ଦ୍ର ନାଏକ, ଲୋଇଡ଼ାପଦା ସରପଞ୍ଚ ବିଳାସିନୀ ଓରାମ, ଦଶରଥ ବାରିକ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ସ୍ଥାନୀୟ ୫ଟି ଖଣି ଓ କାରଖାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚନାରେ ମୃତକ ପରିବାରକୁ ପ୍ରତି ଖଣି ଶିଳ୍ପ କମ୍ପାନୀମାନେ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଶୁଦ୍ଧିକ୍ରିୟା ପାଇଁ ମଧ୍ୟ ୧୦ହଜାର ଟଙ୍କା ପ୍ରଦାନ ସହିତ ପରିବାରକୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ରୁଙ୍ଗ୍‌ଟା କମ୍ପାନୀ ୨କି.ମି ରାସ୍ତା, ଜେଏସ୍‌ଡବ୍ଲ୍ୟୁ ୧କି.ମି, ଓଏମ୍‌ସି ୧କି.ମି, ହିମା ଇସ୍ପାତ ଦେଢ଼ କି.ମି, ଶ୍ରୀ ମେଟାଲିକ୍ସ ୨ କି.ମି. ରାସ୍ତା ମରାମତି କରିବା ପାଇଁ କମ୍ପାନୀ ଅଧିକାରୀମାନେ ରାଜି ହୋଇଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି।

## ଉନ୍ନତ କିସମ ଚାଷ ବୁଲି ଦେଖିଲେ ଜିଲାପାଳ

ଚମ୍ପୁଆ,୨୧।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଖଣିଜପାଣ୍ଠି ସହାୟତାରେ ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତର କଞ୍ଚନପୁର ଠାରେ ମହିଳାମାନଙ୍କ ଦ୍ୱାରା କରାଯାଇଥିବା ଉନ୍ନତ କିସମର ଚାଷକୁ କେନ୍ଦୁଝର ଜିଲାପାଳ ଆଶିଷ୍ ଠାକ୍‌ରେ ବୁଲି ଦେଖିବା ସହିତ ସନ୍ତୋଷ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲାପାଳ ସୁଶାନ୍ତ ମାଝି, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଜୟନ୍ତ ନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ପଦ୍ମଲୋଚନ ସିଂ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏସ୍ ଶୁଭଲକ୍ଷ୍ମୀ ଓ ମଙ୍ଗୁଳି ଗିରି ପ୍ରମୁଖ ଯୋଗ ଦେଇଥିଲେ। କଞ୍ଚନପୁରଠାରେ ପ୍ରାୟ ୮୦ ଡେସିମିଲ୍‌ରେ କରାଯାଇଥିବା କଲମୀକରଣ ବିଲାତି ଚାଷ ଓ ଅନ୍ୟ ଏକ ସ୍ଥାନରେ ବାଇଗଣ ଚାଷ ବୁଲି ଦେଖିଥିଲେ। ଏଥିସହ ଜିଲାପାଳ ଚାଷୀଙ୍କ ସହ ଆଲୋଚନା କରି ଚାଷର ପ୍ରଣାଳୀ ପଚାରି ବୁଝିଥିଲେ। ପ୍ରାୟ ଦୁଇ ହଜାର କଲମୀ ବିଲାତି ଚାଷ କରାଯାଇଥିବା ବେଳେ ଏହା ଅଧିକ ଅମଳକ୍ଷମ, ଦୀର୍ଘସ୍ଥାୟୀ ଓ ଝାଉଁଳାରୋଗ ନିରୋଧ ବୋଲି ଜଣାପଡ଼ିଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ସୃଷ୍ଟି ସ୍ୱେଚ୍ଛାସେବୀ ସଂସ୍ଥା ସହାୟତାରେ ଏହା କରାଯାଇଥିବା ଜଣାଯାଇଛି।

## ଗହଣା ଦୋକାନରେ ଜିଏସ୍‌ଟି ଚଢ଼ାଉ

ବାଲେଶ୍ୱର ଅଫିସ/ବାରିପଦା ଅଫିସ,୨୧।୧୦

ଜିଏସ୍‌ଟି ବିଭାଗ ପକ୍ଷରୁ ଶୁକ୍ରବାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ବାରିପଦା ସହରରେ ଥିବା ଗହଣା ଦୋକାନରେ ଚଢ଼ାଉ କରାଯାଇଛି। ବାଲେଶ୍ୱର ସହର ଚିଡ଼ିଆ ପୋଲ ନିକଟସ୍ଥ ଲକ୍ଷ୍ମୀ ନାରାୟଣ ଜୁଏଲେରିରେ ଶୁକ୍ରବାର ମଧ୍ୟାହ୍ନରେ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଦୋକାନ ପକ୍ଷରୁ ଗୋଟିଏ ଜିଏସ୍‌ଟି ବିଲ ନମ୍ବରରେ ଭିନ୍ନ ଭିନ୍ନ ରସିଦ କାଟି ଗରାଖମାନଙ୍କୁ ଦିଆଯାଉଥିବା ଅଭିଯୋଗକୁ ଭିତ୍ତିକରି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଦୋକାନର ବ୍ୟବହାର ହେଉଥିବା ସମସ୍ତ ବିଲ୍ ବହିକୁ ଯାଞ୍ଚ କରାଯିବା ସହ ବିଭିନ୍ନ ଦିଗ ଉପରେ ତଦନ୍ତ କରାଯାଇଥିଲା। ତଦନ୍ତ ଜାରି ରହିଥିବାରୁ ବିଭାଗୀୟ ଅଧିକାରୀମାନେ କୌଣସି ମତାମତ ଦେଇ ନାହାନ୍ତି। ଅନ୍ୟପକ୍ଷରେ ଜୁଏଲେରି ମାଲିକ ତାଙ୍କର ଜିଏସ୍‌ଟି ବିଲ୍ ଠିକ୍‌ଠାକ୍ ରହିଛି ବୋଲି କହିଛନ୍ତି।

ସେହିପରି ମୟୂରଭଞ୍ଜ ଜିଲା ବାରିପଦା ସହର ଲାଲବଜାରସ୍ଥିତ ଭାରତୀ ଅଳଙ୍କାର ଦୋକାନରେ ଶୁକ୍ରବାର ଜିଏସ୍‌ଟିବିଭାଗ ଚଢ଼ାଉ କରିଛି। ଗହଣା ଦୋକାନ ସମେତ ତୁଳସୀଚଉରା ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଛି। ବ୍ୟବସାୟୀ ତଥା ଦୋକାନ ମାଲିକ ପ୍ରଦୀପ କର୍ମକାରଙ୍କ ବିରୋଧରେ ଜିଏସ୍‌ଟି ଠକେଇ ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଏକ ଟିମ୍ ଶୁକ୍ରବାର ଦୋକାନ ଖୋଲିବା ପରେ ଚଢ଼ାଉ କରିଥିଲା। ଦୋକାନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ସହ ଜିଏସ୍‌ଟି ସମ୍ବନ୍ଧୀୟ କାଗଜପତ୍ର ଜବତ କରାଯାଇଛି। ତେବେ କେତେ ପରିମାଣର ଠକେଇ ହୋଇଛି ସେ ସମ୍ପର୍କରେ କୌଣସି ତଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଠକେଇ ସମ୍ପର୍କରେ ସମ୍ପୂର୍ଣ୍ଣ ଆକଳନ ପରେ ଏହାର ତଥ୍ୟ ପ୍ରଦାନ ପାଇଁ ଗହଣା ଦୋକାନୀଙ୍କୁ ସମୟ ଦିଆଯିବ। ପରେ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରିପଦା ଜିଏସ୍‌ଟି ବିଭାଗ ଏନଫୋର୍ସମେଣ୍ଟର ଡେପୁଟି କମିଶନର କୁଳମଣି ମଲ୍ଲିକ ସୂଚନା ଦେଇଛନ୍ତି।

# ପଞ୍ଚାୟତ ସମିତି ବୈଠକ ବର୍ଜନ

ନୀଳଗିରି,୨୧।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପରିସରରେ ଶୁକ୍ରବାର ଦ୍ୱିତୀୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଭାଜପା ସମର୍ଥିତ ୨୪ଜଣ ଜନ ପ୍ରତିନିଧି ବର୍ଜନ କରି ଅନୁପସ୍ଥିତ ରହିବା ଚର୍ଚ୍ଚାର ବିଷୟ ହୋଇଛି। ବୈଠକରେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି ସଭାପତିତ୍ୱ କରିଥିଲେ। ବିଡିଓ ରାହୁଲ ମଣ୍ଡଳ, ସହକାରୀ ଯନ୍ତ୍ରୀ ଦୀପାଂଶୁ ପରିଡ଼ା, ଜିପିଓ ମିନତୀ ମାରାଣ୍ଡି, ଆକାଉଣ୍ଟ ଅଫିସର ନିଷିଥ ରଞ୍ଜନ ସାହୁ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ, ୧୨ନଂ. ଜୋନ୍ ଜିଲାପରିଷଦ ସଭ୍ୟା ରଞ୍ଜିତା ସିଂ, ୧୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ୧୧ନଂ. ଜିଲା ପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ ପରେ ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧିମାନେ ବିଭିନ୍ନ ବିଭାଗ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଉପାଧ୍ୟକ୍ଷ ପୁଥାଳ ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକରେ ପରେ ନୀଳଗିରି ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ



ପଞ୍ଚାୟତ ସମିତିର ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

### ଭାଜପାର ଖବରଦାତା ସମ୍ମିଳନୀ

ଭାଜପା ସମର୍ଥିତ ଜନ ପ୍ରତିନିଧିମାନେ ଯୋଗଦେଇ ବିଡିଓଙ୍କ ବିରୋଧରେ ବର୍ଷିଥିଲେ। ପୂର୍ବରୁ ନୀଳଗିରି ପଞ୍ଚାୟତ ସମିତି ଅଧୀନରେ କାର୍ଯ୍ୟରତ କେତେଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ବଦଳି ଲାଗି ବିଡିଓ ଚିଠି ନଂ. ୫/ତା.୧୩।୧୦।୨୨ରିଖରେ ନିର୍ଦ୍ଦେଶ ଦେଇଥିଲେ। ବରହମପୁର ଓ ସଜନାଗଡ଼ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଯଥେଷ୍ଟ ଅଭିଯୋଗ ଥିଲେ ମଧ୍ୟ ଶାସକ ଦଳକୁ ସୁହାଇଲା ଭଳି ବିଡିଓ ବଦଳି କରିଥିବା ଭାଜପା ଜନ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଉକ୍ତ ବଦଳି ନିର୍ଦ୍ଦେଶନାମାକୁ ତୁରନ୍ତ ରଦ୍ଦକରିବା ପାଇଁ ଜଣାଯାଇଥିଲେ ମଧ୍ୟ ଏବାବଦରେ ବିଡିଓ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏହାର ପ୍ରତିବାଦରେ ଭାଜପା ସମର୍ଥିତ ୨୪ଜଣ ଜନ ପ୍ରତିନିଧି ପଞ୍ଚାୟତ ସମିତି ବୈଠକ ବର୍ଜନ କରିଥିବା ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତେବେ ବଦଳି ନିର୍ଦ୍ଦେଶକୁ ରଦ୍ଦ କରା ନ ଗଲେ ଆଗାମୀ ଦିନରେ ନୀଳଗିରି ବ୍ଲକ ଘେରାଉ କରାଯିବ ବୋଲି ଭାଜପା ସମର୍ଥିତ ଜନପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ସମସ୍ତ ନୀତି ନିୟମରେ ପଞ୍ଚାୟତ ସମିତି ବୈଠକ କରାଯାଇଛି ବୋଲି ବ୍ଲକ ଅଧକ୍ଷା ମାଝି କହିଛନ୍ତି। ଭାଜପା କରିଥିବା ଅଭିଯୋଗ ସମ୍ପର୍କରେ କୌଣସି ମତାମତ ଦେବାକୁ ବିଡିଓ ମଣ୍ଡଳ ମନା କରି ଦେଇଛନ୍ତି।

## ମାଳଦାରେ ଜନସମ୍ପର୍କ ପଦଯାତ୍ରା

ଭଣ୍ଡାରିପୋଖରୀ, ୨୧।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦାରେ ଗୁରୁବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ପରାମର୍ଶ କ୍ରମେ ମାଳଦା ହନୁମାନ ମନ୍ଦିରଠାରୁ ପଦଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା। ପଞ୍ଚାୟତ ସମିତି ଅଧକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତିଲତା ଜେନା, ସରପଞ୍ଚ ମିନତି ପରିଡ଼ା, ସମିତିସଦସ୍ୟା ରିତାଞ୍ଜଳି ସାମଲ, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ମାଳଦା ସମବାୟ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ଯୁବ ବିଜେଡି ନେତା ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା, ନୀଳମଣି ବୋଇତାଇ, ବ୍ରହ୍ମାନନ୍ଦ ଦାସ ଓ କେତକୀ ଦାସ ପଦଯାତ୍ରାରେ ଯୋଗ ଦେଇଥିଲେ। ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଏଥିରେ ସାମିଲ ଥିଲେ।




ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତା।

## ବେତନଟୀରେ ନୂତନ ତହସିଲଦାର

ବେତନଟୀ,(ସ୍ୱ.ପ୍ର.): ବେତନଟୀ ତହସିଲଦାର ଭାବେ ଅନିତା ନାୟକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଭଦ୍ରକ ଜିଲା ବାସୁଦେବପୁର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ତହସିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ମୟୂରଭଞ୍ଜ ଉପଜିଲାପାଳଙ୍କୁ ଔପଚାରିକ ଭାବେ ସାକ୍ଷାତ କରିବାପରେ କାର୍ଯ୍ୟ ଆରମ୍ଭ କରିଥିଲେ। ସର୍ବପ୍ରଥମେ ସାଧାରଣ ଜନତାଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।



## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଶିରିସ୍



@ପ୍ରିୟବ୍ରତ



@ରାଜ୍



@କ୍ରିସ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# କାନନ ବିହାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

### କେସିସି ବ୍ୟାଙ୍କ ସଭାପତି ନିର୍ବାଚନ

କେନ୍ଦୁଝର,୨୧।୧୦(ଡି.ଏନ୍.ଏ)

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଭାବେ କାନନ ବିହାରୀ ପହି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର କେସିସି ବ୍ୟାଙ୍କ ସଭାପତି ପଦ ପାଇଁ ସେ ଏକମାତ୍ର ପ୍ରାର୍ଥୀ ଭାବେ ୭ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ପୂର୍ବାହ୍ନ ୧୦ଟା ୩୦ରୁ ୧ଟା ୩୦ମଧ୍ୟରେ ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାର ସମୟ ଥିବାବେଳେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ। ୧୪ ନଂ ଜୋନ୍ କେନ୍ଦୁଝର ଉପଖଣ୍ଡୀୟ ସେବା ସମବାୟ ସମିତିର ନିର୍ଦ୍ଦେଶକ ପହି ନାମାଙ୍କନପତ୍ର ଦାଖଲ ସମୟରେ ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଜିଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ସାଧବାନନ୍ଦ ପରିଡ଼ା, ସବ୍ୟସାଚୀ ସିଂଙ୍କ ସମେତ ବିଜୁ ଜନତା ଦଳ ସମର୍ଥିତ ସମସ୍ତ ୧୫ଜଣ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ୨୩ ତାରିଖରେ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଅଜୟ ସେଠୀ ପ୍ରକାଶ କରିଛନ୍ତି । ଏଥିପୂର୍ବରୁ ମହେନ୍ଦ୍ର ନାୟକ, ଗୋଲାପ ନାଏକ, ଦେବପ୍ରିୟ ପାତ୍ର, କିଶୋର ଜେନା, ସୁବ୍ରତ ସାମଲ, ପ୍ରଫୁଲ୍ଲ ନାଏକ, ମାଧବାନନ୍ଦ ପୃଷ୍ଟି, ମଙ୍ଗୁଳି ଚରଣ ନାହକ, ରଞ୍ଜନ ଦାସ, ବିଦ୍ୟୁତ୍ ନାୟକ, ରଶ୍ମୀ ରେଖା ଚକ୍ର, ସୁରେନ୍ଦ୍ର କାଣ୍ଡି, ତିଲୋତ୍ତମା ମାଝୀ, କାନନ ବିହାରୀ ପହି, ନିର୍ମଳା ପାତ୍ର କେସିସି ନିର୍ଦ୍ଦେଶକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ଶାଳଗଣ୍ଡି, କରତ ଜବତ: ୬ ଗିରଫ

ଘଟଗାଁ,୨୧।୧୦(ଡି.ଏନ୍.ଏ): କେନ୍ଦୁଝର ଜିଲା ଘଟଗାଁ ବନବିଭାଗକୁ ଏକ ବଡ଼ ସଫଳତା ମିଳିଛି। ବାଇଗଣପାଳ ଗ୍ରାମରେ ଚଢ଼ାଉ କରି ୪ ଶାଳଗଣ୍ଡି, ଦୁଇଟି କରତ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ଉସମାନ ଆନ୍‌ସାରୀ, ଏମ୍.ଡି ମୁସ୍ତାକ ଆନ୍‌ସାରୀ, ମୁସ୍ତାକ ଆନ୍‌ସାରୀ, ଆଜମୁଲ୍ ଆନ୍‌ସାରୀ, ଜିଆଜୁଲା ଆନ୍‌ସାରୀ, ଅକ୍ତାର ଆନ୍‌ସାରୀ।

ପ୍ରାପ୍ତ ଖବର ଅନୁଯାୟୀ, ଅଟେଇ ସଂରକ୍ଷିତ ଜଙ୍ଗଲ ବାଇଗଣପାଳ ଗ୍ରାମ ୧୧ ନମ୍ବର କ୍ୟାଟେନ୍‌ମେଣ୍ଟ ଏରିଆରେ ସମ୍ପୃକ୍ତ ଗ୍ରାମର ବୀର ନାଏକ, ଘଟଗାଁ ନିକଟସ୍ଥ କୁସୁନପୁର ଗ୍ରାମର ଛୋଟୁ ନାମକ ଯୁବକ ଜଙ୍ଗଲ ମଧ୍ୟରୁ ଶାଳଗଛ କାଟି ଚୋରାଚାଲାଣ କରଥୁଲେ। ଖବର ପାଇ କେନ୍ଦୁଝର ଡିଏଫଓ ଏଚ୍.ଡି ଧନରାଜ ଘଟଗାଁ ରେଞ୍ଜ ଅଫିସର ପ୍ରଭାତ କୁଅଁରଙ୍କୁ ଜଣାଇଥିଲେ। ରେଞ୍ଜର କୁଅଁରଙ୍କ ନେତୃତ୍ୱରେ ଘଟଗାଁ ଫରେଷ୍ଟର ଯତିନ୍ଦ୍ର ସାହୁ, ଫରେଷ୍ଟଗାର୍ଡ ଅଙ୍କୁଲିସା ପତି ଓ ୬ ପାରା ଫରେଷ୍ଟର କର୍ମଚାରୀ ଗ୍ରାମରେ ଚଢ଼ାଉ କରିଥିଲେ। ୬ ଜଣ ସହଯୋଗୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଦୁଇଟି ହାତକରତ ଜବତ କରିଥିଲେ। ଘଟଣା ସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ବୀର ଓ ଛୋଟୁ ଫେରାରହୋଇଯାଇଥିଲେ। ଜବତ କାଠର ମୁଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ଘଟଗାଁ ରେଞ୍ଜ ଅଫିସର କୁଅଁର କହିଛନ୍ତି।

# ସୁରଭି ମାଧ୍ୟମରେ ପ୍ରତିଭା ଅନ୍ୱେଷଣ

ଆରଡ଼ି, ୨୧।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ଦୋହରାପାଟଣା ୟୁପି ସ୍କୁଲ ଓ ଧାମନଗର ବ୍ଲକ ବାପୁଜୀ ନୋଡାଲ ହାଇସ୍କୁଲଠାରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ମଠଡିହ କ୍ଲଷ୍ଟରର ୧୭ ଓ ବାପୁଜୀ କ୍ଲଷ୍ଟରର ୧୬ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମଠଡିହ କ୍ଲଷ୍ଟର ସିଆର୍‌ସିସି ନିକୁଞ୍ଜ ବିହାରୀ କର, ଏସ୍‌ଡି ପାଟଣା ସ୍କୁଲ ପ୍ରଧାନଶିକ୍ଷକ ଅନିଲ କୁମାର ଦାସ, ଅବସରପ୍ରାପ୍ତ ସିଆର୍‌ସିସି ଦେବବ୍ରତ କର, ବରିଷ୍ଠ ଶିକ୍ଷକ ରଞ୍ଜୀବ କୁମାର ରାଉତ, ଦିଲୀପ କୁମାର ନାୟକ ଓ ବାପୁଜୀ କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ କୁମାର ଦାଶ, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଏଡିଓ ଅନିଲ କୁମାର ବଳ, ପ୍ରଧାନଶିକ୍ଷକ ଅକ୍ଷୟ ହୋତା, ଚିତ୍ରଭାନୁ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାଧୁ ଚରଣ ଷଡ଼ଙ୍ଗୀ, ସିଆର୍‌ସିସି ତୃପ୍ତି ରଞ୍ଜନ ବିଶ୍ୱାଳ, ସଞ୍ଜୟ କୁମାର ବିନ୍ଧାଣି ପ୍ରମୁଖ ପ୍ରତିଭା ଅନ୍ୱେଷଣରେ ସୁରଭି କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କରୋନା ପାଇଁ ୨ ବର୍ଷ ପରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

# ତେଲକୋଇରେ ବିଇଓ ପଦବୀ ଖାଲି

ତେଲକୋଇ,୨୧।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ରେ ୬ ମାସ ହେଲା ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ପଦବୀ ଖାଲିପଡ଼ିଛି। ନୂତନ ବିଇଓଙ୍କୁ ନିଯୁକ୍ତି ନେଇ ବାରମ୍ବାର ଦାବି ହେଉଥିବା ବେଳେ କେହି କର୍ଣ୍ଣପାତ କରୁନାହାନ୍ତି। ବ୍ଲକ୍ ପ୍ରତି ଶିକ୍ଷା ବିଭାଗର ଅଣଦେଖାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ସୂଚନାଯୋଗ୍ୟ, ବ୍ଲକ୍‌ରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୨୬ ଟି, ଅପର ପ୍ରାଥମିକ ବିଦ୍ୟାଳୟ ୬୭ଟି ଓ ଉଚ୍ଚ ବିଦ୍ୟାଳୟ ୩୨ଟି ରହିଛି। ୧୮ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଥମରୁ ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ୯୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଡ଼ମ୍ବନାର ବିଷୟ ବ୍ଲକ୍‌ରେ ୬ ମାସ ହେବ ବିଇଓଙ୍କ ପଦବୀ ଖାଲି ପଡ଼ିଛି। ବ୍ଲକ୍‌ରେ ଜଣେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ୩ ଜଣ ଅତିରିକ୍ତ ଶିକ୍ଷାଧିକାରୀ ରହିବା କଥା। କିନ୍ତୁ ବର୍ତ୍ତମାନ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ କାର୍ଯ୍ୟ ନିର୍ବାହ କରୁଛନ୍ତି। ତାଙ୍କର ମଧ୍ୟ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍‌କୁ ପଦୋନ୍ନତି ହୋଇଛି। ଉପାନ୍ତ ବ୍ଲକ୍ ପ୍ରତି ରାଜ୍ୟ ଶିକ୍ଷା ବିଭାଗ ଗୁରୁତ୍ୱ ଦେବା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀ ପଦବୀକୁ ପୂରଣ ପାଇଁ ଅଞ୍ଚଳର ଶିକ୍ଷାବିତ୍ ଓ ଅଭିଭାବକ ମହଲରେ ଦାବି ହେଉଛି।

# ‘ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ’



ବୃତ୍ତିଗତ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ବାଲେଶ୍ୱର ଅଫିସ/ ବାଲିଆପାଳ/ଲଙ୍ଗଳେଶ୍ୱର (ସ୍ୱ.ପ୍ର./ଡି.ଏନ.ଏ.),୨୧।୧୦

ବାଲେଶ୍ୱର ଜିଲା ବାଲିଆପାଳର ଫିଜିକାଲ ଏଜୁକେସନ୍ ମହାବିଦ୍ୟାଳୟ (ବିପିଇ) କ୍ୟାମ୍ପସରେ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ ଲିମିଟେଡ (ଏସ୍‌ପିପିଏଲ୍) ପକ୍ଷରୁ ଶୁକ୍ରବାର ଟାଟା ଷ୍ଟିଲର ପ୍ରମୁଖ ଦକ୍ଷତା ବିକାଶ ପ୍ରଶିକ୍ଷଣ ଅନୁଷ୍ଠାନ ଜେ ଏନ୍ ଟାଟା ବୃତ୍ତିଗତ ପ୍ରଶିକ୍ଷଣ ତରଫରୁ ଏକ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସ୍ଥାନୀୟ ଯୁବବର୍ଗଙ୍କ ଦକ୍ଷତା ବିକାଶ ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ। ଆସନ୍ତା ୬ ମାସ ମଧ୍ୟରେ ୫ଟି ବ୍ୟାଚ୍‌ରେ ୧୨୫ ଜଣ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟସ୍ଥଳୀ ନିରାପତ୍ତା ସୁପରଭାଇଜର, ସିଭିଲ ସୁପରଭାଇଜର ଓ ମେକାନିକାଲ ଫିଟର ବିଭାଗରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ତେବେ ଶୁକ୍ରବାର ୩୨ଜଣ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମ ବ୍ୟାଚ୍‌ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି।

ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଶୁକ୍ରବାର ଅନୁଷ୍ଠାନର କେନ୍ଦ୍ରକୁ ଉଦ୍‌ଘାଟନ କରି ବାଲିଆପାଳ ଭଳି ଏକ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରତିଷ୍ଠିତ ଓ ପେସାଦାର ଢଙ୍ଗରେ ପରିଚାଳିତ ବୈଷୟିକ ଅନୁଷ୍ଠାନ ସ୍ଥାନୀୟ ବାଳକ ଓ ବାଳିକାଙ୍କୁ ସଶକ୍ତ କରିବାରେ ନିଶ୍ଚିତ ଭାବେ ସହାୟକ ହେବ। ଏହାସହିତ ଉକ୍ତ ପ୍ରଶିକ୍ଷଣ ଦ୍ୱାରା ସେମାନଙ୍କ ଦକ୍ଷତାର ବିକାଶ ହେବା ସହିତ ଓଡ଼ିଶାରେ, ଦେଶ ମଧ୍ୟରେ ଓ ବାହାରେ ଔଦ୍ୟୋଗିକ କ୍ଷେତ୍ରରେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହା ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଆୟୋଜିତ ଉତ୍ସବରେ ଏସ୍‌ପିପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରକାଶ ସିଂହ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ପ୍ରଗତି ସହିତ ଯୁବବର୍ଗମାନଙ୍କ ଦକ୍ଷତାର ବିକାଶ ମାଧ୍ୟମରେ ସେମାନଙ୍କୁ ବର୍ତ୍ତମାନ ଓ ଭବିଷ୍ୟତରେ ସୃଷ୍ଟି ହେବାକୁ ଥିବା ନିଯୁକ୍ତି ସୁଯୋଗ ପାଇଁ ପ୍ରସ୍ତୁତ କରାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ଟାଟା ଷ୍ଟିଲର ଶିକ୍ଷା ଓ ବିକାଶ ବିଭାଗ ଚିଫ୍ ଜୟ ସିଂହ ପଣ୍ଡା, ଜେଏନ୍‌ଟିଭିଟିଆଇର ନିର୍ଦ୍ଦେଶକ ଭି କେ ବର୍ମା, ଏସ୍‌ପିପିର ବରିଷ୍ଠ ମହା ପ୍ରବନ୍ଧକ ସମରେନ୍ଦୁ ପଟ୍ଟନାୟକ, ବିପିଇର ସଭାପତି ଅଦ୍ୱୈତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଉଦଘାଟନୀ ଉତ୍ସବକୁ ବନ୍ଦର ସପକ୍ଷବାଦୀର ଦୁଇ ଗୋଷ୍ଠୀ ଜୋରଦାର ବିରୋଧ ପ୍ରଦର୍ଶନ କରିଥିଲେ। ଗୋଟାଏ ଗୋଷ୍ଠୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଟାଟା କମ୍ପାନୀର ବନ୍ଦର ସହଯୋଗୀ ବୃତ୍ତିଗତ ପ୍ରଶିକ୍ଷଣ କେନ୍ଦ୍ର ହୋଇପାରିବ ନାହିଁ ବୋଲି ବିଭିନ୍ନ ନାରାବାଜି ଦେଇଥିବା ବେଳେ ଅନ୍ୟ ଗୋଷ୍ଠୀ ପୁନର୍ବାର ଚାକିରିରେ ନିଯୁକ୍ତି ଓ ସ୍ଥାୟୀ ଚାକିରି ପାଇଁ ଦାବି କରି କ୍ରୀଡ଼ା ମହାବିଦ୍ୟାଳୟର ରାସ୍ତା ଅବରୋଧ କରିଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।







# ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋତାଗଲା

### ବେଆଇନ ବାଣ ଜବତ ଘଟଣା



ଜବତ ବାଣ ପୋତାଯାଉଛି।

ଠାକୁରମୁଣ୍ଡା,୨୧।୧୦(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସି ୱାର୍ଡ ନଂ. ୮ ସ୍ଥିତ ପାକୁଟସାହି ନିକଟରେ ଥିବା ପ୍ରଦୀପ ସାହା ନାମକ ଏକ ବାଣ ଦୋକାନୀଙ୍କ ଗୋଦାମରେ ଗତ ୧୬ ତାରିଖରେ କରଞ୍ଜିଆ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉରେ ୧୬ ଲକ୍ଷ ଟଙ୍କା ମୂଲ୍ୟର ବାଣ ଜବତ ହୋଇଥିଲା। ଶୁକ୍ରବାର ଜବତ ବାଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋତି ଦିଆଯାଇଥିବା ଜଣାପଡ଼ିଛି। ଜବତ ବାଣରେ ଜିଏସ୍‌ଟି ଠକେଇ ଅଭିଯୋଗ ପରେ ଜିଏସଟି ବିଭାଗର ଡେପୁଟି କମିଶନର କୃଷ୍ଣମଣି ମଲ୍ଲିକଙ୍କ ନେତୃତ୍ୱରେ ଟିମ୍ ଛାନଭିନ୍ନ କରି ବେଆଇନ ବାଣ ଦୋକାନୀଙ୍କୁ ୭ ଲକ୍ଷ ୬୯ ହଜାର ୪୪୯ ଟଙ୍କାର ଅର୍ଥଦଣ୍ଡ କରିଥିଲେ। ଜବତ ବାଣ ଗୁଡ଼ିକୁ ପୋଲିସ ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ଅଗ୍ନିଶମ ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗଙ୍ଗୋଇଙ୍କ ଉପସ୍ଥିତିରେ ବାଣରେ ପାଣି ପକାଇ ନଷ୍ଟ କରିଥିଲେ। ପରେ ଜେସିବି ସହାୟତାରେ ଗାତ ଖୋଳି ପୋତି ଦେଇଥିଲେ।

# କେନ୍ଦୁଝର ଡିଭିଜନରେ ୧୩୬ ହାତୀ

କେନ୍ଦୁଝର,୨୧।୧୦ (ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଶୁକ୍ରବାର କେନ୍ଦୁଝର ଡିଭିଜନର ବିଭିନ୍ନ ଜଙ୍ଗଲରେ ୧୩୬ ହାତୀପଲ ହୋଇ ବୁଲୁଛନ୍ତି। ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜରେ ସର୍ବାଧିକ ୪୬ ହାତୀ ଥିବା ବେଳେ କେନ୍ଦୁଝର ସଦର ରେଞ୍ଜରେ ୩୩ ହାତୀ ବୁଲୁଛନ୍ତି। ସେହିପରୀ ଚମ୍ପୁଆ ରେଞ୍ଜରେ ୧୯, ତେଲକୋଇରେ ୧୬, ଘଟଗାଁରେ ୧୨ ହାତୀ ଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ମଧ୍ୟରୁ ବଡ଼ବିଲ ରେଞ୍ଜରେ ଥିବା ୧୦ ହାତୀ ବଣେଇ ଡିଭିଜନରୁ ଆସିଥିବା ଜଣାପଡ଼ିଛି। ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି ଯେ, ବିଭାଗ ପକ୍ଷରୁ ହାତୀ ଉପଦ୍ରବ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତି ପୂରଣ ଦିଆଯାଉଛି। ଏହା ସହିତ ଲୋକଙ୍କୁ ସଚେତନ ହେବାକୁ ସେ କହିଛନ୍ତି।



